# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**20 July - 2024**

**News Editor : *Itishree Singh Rathaur***

# ନୀଳାଦ୍ରି ବିଜେ

ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜୀଉମାନେ ଗତକାଲି ବିଳମ୍ବିତ ରାତ୍ରିରେ ନୀଳାଦ୍ରି ବିଜେ କରିଛନ୍ତି । ପ୍ରଥମେ ମଦନ ମୋହନ ଏବଂ ରାମକୃଷ୍ଣଙ୍କ ବିଜେ ପରେ ଚତୁର୍ଦ୍ଧାମୂର୍ତ୍ତି ଗୋଟି ପହଣ୍ଡିରେ ରତ୍ନବେଦୀକୁ ବିଜେ କରିଥିଲେ । ପରମ୍ପରା ଅନୁଯାୟୀ ଚାହାଣୀ ମଣ୍ଡପରେ ଲକ୍ଷ୍ମୀନାରାୟଣ ଭେଟ ଅନୁଷ୍ଠିତ ହୋଇଥିଲା । ମହାପ୍ରଭୁ ରସଗୋଲା ଦେଇ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ । ନୀଳାଚଳ ଅବଢ଼ା ଆଜିଠାରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଉପଲବ୍ଧ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ବିଜେପି କାର୍ଯ୍ୟକାରିଣୀ ବୈଠକ

ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଦୃଢ଼ ସଂକଳ୍ପର ସହ କାର୍ଯ୍ୟ କରିବାକୁ ବିଜେପି କର୍ମୀଙ୍କୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ପରାମର୍ଶ ଦେଇଛନ୍ତି । ପୁରୀଠାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ରାଜ୍ୟ ଶାଖା କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ଶ୍ରୀ ନଡ୍ଡା ଏହା କହିଛନ୍ତି । ସେ କହିଛନ୍ତି ଦଳର ମୂଳମନ୍ତ୍ର ହେଉଛି ସମସ୍ତଙ୍କ ସହ, ସମସ୍ତଙ୍କ ବିକାଶ ଏବଂ ସମସ୍ତଙ୍କ ବିଶ୍ୱାସ । ଆଗାମୀ ୨୫ ବର୍ଷକୁ ଆଖିଆଗରେ ରଖି କାର୍ଯ୍ୟ କରିବାକୁ ପଡ଼ିବ ବୋଲି

ସେ ପରାମର୍ଶ ଦେଇଛନ୍ତି । ବୈଠକରେ ରାଜ୍ୟର ସମସ୍ତ ସାଂସଦ, ବିଧାୟକ ଏବଂ ବରିଷ୍ଠ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଏହି ଦୁଇଦିନିଆ ବୈଠକ ଆଜି ଉଦ୍‌ଯାପିତ ହେଉଛି ।

## ସର୍ବନିମ୍ନ ମଜୁରୀ

ସର୍ବନିମ୍ନ ମଜୁରୀ ଆଇନ ୧୯୪୮ ଅନୁଯାୟୀ ରାଜ୍ୟରେ ବର୍ଦ୍ଧିତ ସର୍ବନିମ୍ନ ମଜୁରୀ ଚଳିତ ମାସ ୧୮ ତାରିଖରୁ ଲାଗୁ ହୋଇଛି । ଏ ସଂକ୍ରାନ୍ତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ଅନୁସୂଚିତ ନିୟୋଜନ ଗୁଡ଼ିକରେ ନିଯୁକ୍ତ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଏବଂ ଉଚ୍ଚ କୁଶଳୀ ଶ୍ରମିକଙ୍କର ଦୈନିକ ସର୍ବନିମ୍ନ ମଜୁରୀ ବୃଦ୍ଧି କରାଯାଇଛି ।

## +୨ ମେଧା ତାଲିକା

ଯୁକ୍ତ ଦୁଇ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଆଜି ପ୍ରକାଶ ପାଇବ । ମେଧା ତାଲିକାଭୁକ୍ତ ଛାତ୍ରଛାତ୍ରୀମାନଙ୍କର ଆସନ୍ତା ୨୨ରୁ ୨୭ ତାରିଖ ମଧ୍ୟରେ ନାମଲେଖା ପ୍ରକ୍ରିୟା ଚାଲିବ । ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଆସନ୍ତା ମାସ ୫ ତାରିଖରେ ପ୍ରକାଶ ପାଇବ । ଏହି ପର୍ଯ୍ୟାୟ ଛାତ୍ରଛାତ୍ରୀଙ୍କର ନାମଲେଖା ୭ରୁ ୧୦ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ସ୍ପଟ୍ ନାମଲେଖା ପାଇଁ ଆସନ୍ତା ମାସ ୧୨ରୁ ୧୪ ତାରିଖ ମଧ୍ୟରେ ଛାତ୍ରଛାତ୍ରୀ ଇଚ୍ଛାଧୀନ ବିଷୟ ନେଇ ଆବେଦନ କରିପାରିବେ ।ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ଆସନ୍ତା ମାସ ୨୦ ତାରିଖରେ ପ୍ରକାଶ ପାଇବ ଏବଂ

୨୨ରୁ ୨୮ ତାରିଖ ମଧ୍ୟରେ ନାମଲେଖା ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି ।

## ସିଏମ୍‌ସି ବୈଠକ

କଟକ ପୌର ନିଗମରେ କାର୍ଯ୍ୟରତ ସ୍ୱଚ୍ଛସାଥୀଙ୍କ ପାରିଶ୍ରମିକ ୪ ହଜାର ଟଙ୍କାରୁ ୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । କଟକ ପୌର ନିଗମର ୨୨ତମ ସାଧାରଣ ଅଧିବେଶନରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକର ନିଷ୍ପତ୍ତି ଅନୁଯାୟୀ ବୁଲା ଗାଇଗୋରୁଙ୍କ ପାଇଁ ସ୍ୱେଚ୍ଛାସେବୀଅନୁଷ୍ଠାନ ଗୁଡ଼ିକର ସହଯୋଗରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ । ରାସ୍ତାରେ ଗାଇଗୋରୁଙ୍କୁ ଛାଡ଼ିରେ ମାଲିକଙ୍କଠାରୁ ୨ ହଜାର ଟଙ୍କାର ଜରିମାନା ଆଦାୟ କରାଯିବ । ଉଠା ଦୋକାନୀଙ୍କଠାରୁ ଦୈନିକ ୨ରୁ ୩ ଟଙ୍କା ମଧ୍ୟରେ ୟୁଜର ଫି' ଆଦାୟ କରାଯିବ ।

## ବୈଠକ

ଅନୁଗୁଳ ପୁରୁଣା ବସ୍‌ଷ୍ଟାଣ୍ଡରୁ ବଜାର ପର୍ଯ୍ୟନ୍ତ ଏବଂ ପୁରୁଣା ସୂଚନା ବଜାରରୁ ଗାନ୍ଧିମାର୍ଗ ପର୍ଯ୍ୟନ୍ତ ଭୂତଳ ବିଦ୍ୟୁତ୍ ଲାଇନ୍ ସଂଯୋଗ କରାଯିବାକୁ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୌରପାଳିକା ବୈଠକରେ ନିଷ୍ପତ୍ତି ହୋଇଛି । ସହରକୁ ଅଳିଆ ଆବର୍ଜନାମୁକ୍ତ କରିବା ଲାଗି ବୈଠକରେ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଛି । ଦୁଇଟି ବଡ଼ ଡ୍ରେନ୍ ନିର୍ମାଣ କରାଯିବାକୁ

ବୈଠକରେ ନିଷ୍ପତ୍ତି ହୋଇଛି । ଡେଙ୍ଗୁ ନିରାକରଣ ଓ ସହରର ଆଲୋକୀକରଣ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

## ପରୀକ୍ଷାଫଳ

ଯୁକ୍ତ ଦୁଇ ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା ଫଳ ପ୍ରକାଶ ପାଇଛି । ପାଖାପାଖି ୬୩ ଦଶମିକ ୪/୮ପ୍ରତିଶତ ଛାତ୍ରଛାତ୍ରୀ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି । କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପରୀକ୍ଷା ଦେଇଥିବା ୧ ହଜାର ୪୦୫ ଜଣଙ୍କ ମଧ୍ୟରୁ ୮୯୨ ଜଣ କୃତକାର୍ଯ୍ୟ ହୋଇଛନ୍ତି । କଳାରେ ପାସ୍ ହାର ସବୁଠାରୁ ଅଧିକ ୮୮ ଦଶମିକ ୫/୭ ପ୍ରତିଶତ ଥିବା ବେଳେ ବିଜ୍ଞାନରେ ୫୫ ଦଶମିକ ୨/୯ ପ୍ରତିଶତ ରହିଛି ।

## କରାଟେ-ପଦକ

ଭୁଟାନରେ ଚାଲିଥିବା ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଓଡ଼ିଶା ୩ଟି ପଦକ ହାସଲ କରିଛି । ଏଥିମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ରହିଛି । ଓଡ଼ିଶାର ପଦକ ସଂଖ୍ୟା ୮କୁ ବୃଦ୍ଧି ପାଇଛି ।

## ଫାଓ

ଫାଓ ଲିଗ୍-୨୦୨୪ ପ୍ରତିଯୋଗିତା ଆସନ୍ତା ୨୪ ତାରିଖରୁ କଟକ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ । ଓଡ଼ିଶା ଫୁଟ୍‌ବଲ ସଂଘ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍

୩୩ଟି ଦଳ ଅଂଶ ଗ୍ରହଣ କରିବେ । ମୋଟ୍ ୯୧ଟି ପ୍ରତିଯୋଗିତା ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ରହିଛି । ଫାଓ ପ୍ରଥମ ଡିଭିଜନରେ ୪ଟି ଗ୍ରୁପ୍‌ରେ ମୋଟ୍ ୨୩ଟି ଦଳ ରହିଥିବା ବେଳେ ଦ୍ୱିତୀୟ ଡିଭିଜନରେ ୨ଟି ଗ୍ରୁପ୍‌ରେ ୧୦ଟି ଦଳ ରହିଛନ୍ତି ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି । ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ହୋଇଛି । ଏହି ପରିସ୍ଥିତି ଆଗାମୀ ୨ ଦିନ ପର୍ଯ୍ୟନ୍ତ ଲାଗି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପ୍ରବଳ ବର୍ଷା ଯୋଗୁଁ ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡ଼କ ଯୋଗାଯୋଗ ବ୍ୟାହତ ହୋଇଛି । ଏହି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ପଡ଼ିଲେ ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ାରେ ଆଜି ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।